OFFICE OF THE COLLECTOR & DISTRICT MAGISTRATE, DHENKANAL
(I & P.R SECTION)

No. ....................../ Dt. 19/4/2018

e-mail Id-dkl.dipro@gmail.com
Tel. No. - (06762) 224414

## ଢେଙ୍କାନାଳ ଜିଲ୍ଲାରେ ସମସ୍ତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖାଯିବ : ଜିଲ୍ଲାପାଳ ଶ୍ରୀ କଲ୍ୟାଣ

— x —

ଢେଙ୍କାନାଳ, ତା ୧୮/୪/୨୦୧୮ ରିଖ : - ଢେଙ୍କାନାଳ ଜିଲ୍ଲାରେ ସମସ୍ତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ ନାମଫଳକ ଓଡ଼ିଆରେ ଲେଖିବାକୁ ଜିଲ୍ଲାପାଳ ଶ୍ରୀ ନିଖିଲ ପଭନ କଲ୍ୟାଣ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅବନୀକାନ୍ତ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

ଆଜି ପୂର୍ବାହ୍ନରେ ନାମଫଳକଗୁଡ଼ିକ ଓଡ଼ିଆରେ ହେବା ସମ୍ପର୍କରେ ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅବନୀକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ଭାଷାକୁ ଓଡ଼ିଶା ସରକାର ସରକାରୀ ମାନ୍ୟତା ଦେବାପରେ ଓଡ଼ିଆରେ ନାମଫଳକ ଲେଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜିଲ୍ଲାରେ ଥିବା ଭାରତ ସରକାର, ଓଡ଼ିଶା ସରକାରଙ୍କ କାର୍ଯ୍ୟାଳୟ, କାରଖାନା, ବେସରକାରୀ ପ୍ରତିଷ୍ଠାନ, ବିଦ୍ୟାଳୟ, ମହାବିଦ୍ୟାଳୟ, ବାଣିଜ୍ୟିକ ପ୍ରତିଷ୍ଠାନ, ରାସ୍ତା ଘାଟର ନାମକରଣ ଇତ୍ୟାଦି ଏପରିକି ଜନସାଧାରଣ ସେମାନଙ୍କ ଘର ଆଗରେ ଲେଖିଥିବା ନାମକରଣ ବା ଫଳକ ଅନ୍ୟ ଭାଷା ସହିତ ଓଡ଼ିଆରେ ଲେଖିବାକୁ ବୈଠକରେ ପରାମର୍ଶ ଦିଆଯାଇଛି । ଆଗାମୀ ୧୫ ଦିନ ମଧ୍ୟରେ ନାମଫଳକ ଓଡ଼ିଆରେ ଲେଖିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଅନୁରୋଧ କରିଥିଲେ । ବୈଠକରେ ଢେଙ୍କାନାଳ ବଣିକ ସଂଘ ସଭାପତି ଶ୍ରୀ ଶରତ ଚନ୍ଦ୍ର ପାଣି ଓଡ଼ିଆ ଫଳକ ଲେଖାଯିବା ସଂପର୍କରେ ଏକ ସୁନ୍ଦର ମନୋମୁଗ୍ଧକର କବିତା ପାଠ କରିଥିଲେ । ବୈଠକ ପ୍ରାରମ୍ଭରେ ସହକାରୀ ଜିଲ୍ଲାପାଳ ଶ୍ରୀ ଶ୍ୟାମ ସୁନ୍ଦର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ମାନଭଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ବୈଠକରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ, ଢେଙ୍କାନାଳ ମୁଖ୍ୟ ଡାକଘରର ପି.ଆର.

(ଅ.ସୁ.ଦେ.)

ଆର୍.ସି. ଶ୍ରୀ ଚନ୍ଦ୍ରମଣି ମଲ୍ଲିକ୍, ଭୁବନ ଏନ୍.ଏ.ସି. ନିର୍ବାହୀ ଅଧିକାରୀ ଶ୍ରୀ ଯାମିନୀ-କାନ୍ତ ସ୍ୱାଇଁ, କାମାକ୍ଷାନଗର ଏନ୍-ଏ.ସି.ର ନିର୍ବାହୀ ଅଧିକାରୀ ଶ୍ରୀ ଦୁର୍ଗା ପ୍ରସାଦ ରଥ, ଏନ୍-ଏଚ୍.ଏ.ଆଇ. ପ୍ରକଳ୍ପ ଅଧିକାରୀ ଶ୍ରୀ ଗଗନ ବିହାରୀ ମହାନ୍ତି, ଢେଙ୍କାନାଳ ଚାମ୍ବର ଅଫ କମର୍ସର ସାଧାରଣ ସଂପାଦକ ଶ୍ରୀ କମଲ କୁମାର ପୋଦାର, କାମାକ୍ଷାନଗର ବଣିକ ସଂଘ ସଭାପତି ଶ୍ରୀ ପଙ୍କଜ କୁମାର ବିଶ୍ୱାଳ, ଭୁବନ ବଣିକ ସଂଘ ସଭାପତି ଶ୍ରୀ ପ୍ରସନ୍ନ କୁମାର ସାହୁ, ଯୁଗ୍ମ ସଂପାଦକ ଶ୍ରୀ ଶିବ ପ୍ରସାଦ ପଣ୍ଡା, ଢେଙ୍କାନାଳ ପୌର ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଦୀପ୍ତ କୁମାର କିନ୍ନରା, ଶ୍ରୀ ପ୍ରମୋଦ ପାଲ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

— × —

ହେମନ୍ତ କୁମାର ନାୟକ
୨୮/୪/୨୦୨୫
ଜିଲ୍ଲା ସୂଚନା ଓ ଲୋକ
ସମ୍ପର୍କ ଅଧିକାରୀ
ଢେଙ୍କାନାଳ

ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ
ତା........
ଢେଙ୍କାନାଳ

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ, କାର୍ଯ୍ୟାଳୟ, ଢେଙ୍କାନାଳ.
ସ୍ମାରକ ସଂଖ୍ୟା ୪୮୬ / ସୂ.ଲୋ.ସ. ତା: ୨୮/୦୪/୨୦୨୫
ଏହାର ନକଲ ଖବର କାଗଜ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅବଗତି ଓ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।